# NATIONAL NEWS BULLETIN (ODIA)

## 26th July - 2025

## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଆଦିତ୍ୟ ନାରାୟଣ ଦାଶ**

## ମୁଖ୍ୟ ସମ୍ବାଦ

- ଦୁଇଦିନିଆ ମାଳଦ୍ୱୀପ ଗସ୍ତ ଶେଷ କରି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରୁଛନ୍ତି ପ୍ରଧାନମନ୍ତ୍ରୀ ।

- ଉତ୍ତମ ପ୍ରଦର୍ଶନ ପାଇଁ ସାଂସଦ ରତ୍ନ ପୁରସ୍କାରରେ ସମ୍ମାନିତ ହେଲେ ୧୭ ସାଂସଦ ।

- ଦେଶବ୍ୟାପୀ ପାଳିତ ହେଉଛି କାର୍ଗିଲ୍ ବିଜୟ ଦିବସ ।

ଏବଂ

- ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ଚତୁର୍ଥ ଟେଷ୍ଟମ୍ୟାଚ୍‌ର ଚତୁର୍ଥ ଦିନରେ ଭାରତର ଦ୍ୱିତୀୟ ଇନିଙ୍ଗ୍‌ସ ବ୍ୟାଟିଂ ଜାରି ।

# ପି.ଏମ୍. ମୋଦି-ମାଳଦ୍ୱୀପ ଇଣ୍ଡିପେଣ୍ଡେନ୍ସ ଡେ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମାଳଦ୍ୱୀପର ରାଜଧାନୀ ମାଲେଠାରେ ଅନୁଷ୍ଠିତ ୬୦ତମ ସ୍ୱାଧୀନତା ଦିବସ ସମାରୋହରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଛନ୍ତି । ମାଳଦ୍ୱୀପର ସ୍ୱାଧୀନତା ଦିବସ ସମାରୋହ ମାଲେର ରିପବ୍ଲିକ୍ ସ୍କୋୟାରଠାରେ ଅନୁଷ୍ଠିତ ହୋଇଥିଲା । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଏବଂ ମାଳଦ୍ୱୀପ ରାଷ୍ଟ୍ରପତି ଡକ୍ଟର ମହମ୍ମଦ ମୁଇଜୁଙ୍କୁ ଏହି ଅବସରରେ ଗାର୍ଡ଼ ଅଫ୍ ଅନର୍ ପ୍ରଦାନ କରାଯାଇଥିଲା । ରାଷ୍ଟପତି ଶ୍ରୀ ମୁଇଜୁଙ୍କ ସ୍ୱତନ୍ତ୍ର ନିମନ୍ତ୍ରଣକ୍ରମେ ପ୍ରଧାନମନ୍ତ୍ରୀ ମାଲେଠାରେ ଅନୁଷ୍ଠିତ ଏହି ସମାରୋହରେ ଅଂଶଗ୍ରହଣ କରିଛନ୍ତି । ପୂର୍ବରୁ ଶ୍ରୀ ମୋଦି ଆଜି ମାଳଦ୍ୱୀପର ଉପରାଷ୍ଟ୍ରପତି ହୁସେନ୍ ମହମ୍ମଦ ଲତିଫ୍‌ଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗରେ ଆଲୋଚନା କରିଥିଲେ । ଭିତ୍ତିଭୂମି ବିକାଶ, ପ୍ରଯୁକ୍ତିବିଦ୍ୟା, ଜଳବାୟୁ ପରିବର୍ତ୍ତନ, ଶକ୍ତି ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଉଭୟ ନେତା ମତ ବିନିମୟ କରିଛନ୍ତି । ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କର ସୁଫଳ ଦେଶବାସୀଙ୍କ ନିକଟରେ ପହଞ୍ଚୁଥିବାବେଳେ ଆଗାମୀ ଦିନରେ ସହଭାଗିତା ଅଧିକ ସୁଦୃଢ଼ ହେବ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି ।

ମାଳଦ୍ୱୀପ ସଂସଦ 'ପିପୁଲ୍ସ ମଜ୍‌ଲିସ୍'ର ବାଚସ୍ପତି ଅବଦୁଲ୍ ରହିମ ଅବଦୁଲ୍ଲାଙ୍କ ସହ ମଧ୍ୟ ପ୍ରଧାନମନ୍ତ୍ରୀ ଆଜି ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିଛନ୍ତି । ମାଳଦ୍ୱୀପର ପୂର୍ବତନ ରାଷ୍ଟ୍ରପତି ମହମ୍ମଦ ନାସିଦ୍‌ଙ୍କ

ସହ ପଡୋଶୀ ପ୍ରଥମ ନୀତି ଏବଂ ସାମୁଦ୍ରିକ ସହଭାଗିତା ନେଇ ପ୍ରଧାନମନ୍ତ୍ରୀ ଆଲୋଚନା କରିଛନ୍ତି । ଭିତ୍ତିଭୂମି ବିକାଶ ଏବଂ ବିଭିନ୍ନ ବିକାଶମୂଳକ ପଦକ୍ଷେପରେ ଭାରତ ମାଳଦ୍ୱୀପକୁ ସବୁପ୍ରକାର ସହାୟତା ପ୍ରଦାନ କରିବ ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ପ୍ରତିଶ୍ରୁତି ଦେଇଛନ୍ତି ।

ପ୍ରଧାନମନ୍ତ୍ରୀ ତାଙ୍କ ଗସ୍ତକାଳରେ ସେଠାକାର ବିଭିନ୍ନ ରାଜନୈତିକ ଦଳର ନେତାମାନଙ୍କ ସହ କଥାବାର୍ତ୍ତା କରିଥିଲେ । ରାଜନୈତିକ କ୍ଷେତ୍ରରେ ନେତାମାନଙ୍କର ଅଂଶଗ୍ରହଣ ଭାରତ-ମାଳଦ୍ୱୀପ ବନ୍ଧୁତାର ଦ୍ୱିପାକ୍ଷିକ ସମର୍ଥନକୁ ସ୍ପଷ୍ଟ କରୁଛି ବୋଲି ଶ୍ରୀ ମୋଦି କହିଛନ୍ତି ।

ପ୍ରଧାନମନ୍ତ୍ରୀ ତାଙ୍କର ଦୁଇଦିନିଆ ମାଳଦ୍ୱୀପ ଗସ୍ତ ଶେଷ କରି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରୁଛନ୍ତି । ଶ୍ରୀ ମୋଦି ଆଜି ତାମିଲ୍‌ନାଡୁର ଟୁଟିକୋରିନ୍ ବିମାନବନ୍ଦରରେ ପହଞ୍ଚି ନୂତନ ଟର୍ମିନାଲ୍ ଭବନକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି ।

## ସଂସଦ ରତ୍ନ

୧୭ ଜଣ ସାସଂଦଙ୍କୁ ସେମାନଙ୍କର ଉତ୍ତମ ପ୍ରଦର୍ଶନ ଯୋଗୁଁ ନୂଆଦିଲ୍ଲୀରେ ଆଜି 'ସାଂସଦ ରତ୍ନ ପୁରସ୍କାର-୨୦୨୫' ପ୍ରଦାନ କରାଯାଇଛି । ବି.ଜେ.ପି.ର ରବି କିଷନ ଏବଂ ଦୀନେଶ ଶର୍ମା, କଂଗ୍ରେସର

ବର୍ଷା ଗାଇକ୍ୱାର୍ଡ଼, ଏନ୍.ସି.ପି.-ଏସ୍.ପି.ର ସୁପ୍ରିୟା ସୁଲେ ଏବଂ ଶିବସେନା-ୟୁ.ବି.ଟି.ର ଅରବିନ୍ଦ ସାୱାନ୍ତ ପ୍ରମୁଖ ଏହି ସାଂସଦମାନଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି । ସାଂସଦମାନଙ୍କର ଉତ୍କୃଷ୍ଟ ପ୍ରଦର୍ଶନର ସ୍ୱୀକୃତିସ୍ୱରୂପ ଏହି ପୁରସ୍କାର ପ୍ରଦାନ କରାଯାଉଛି ବୋଲି ଗଣମାଧ୍ୟମକୁ ସୂଚନା ଦେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ତି ।

***Voice (Rijiju)*** :.....

ପୁରସ୍କାର ପାଇଥିବା ସାଂସଦମାନଙ୍କୁ ଶ୍ରୀ ରିଜିଜୁ ଅଭିନନ୍ଦନ ଜଣାଇଛନ୍ତି ।

## କାର୍ଗିଲ ବିଜୟ ଦିବସ

କାରଗିଲ ବିଜୟ ଦିବସର ୨୬ତମ ବାର୍ଷିକୀ ଆଜି ଦେଶବ୍ୟାପୀ ପାଳିତ ହୋଇଛି । ୧୯୯୯ ମସିହା କାରଗିଲ୍ ଯୁଦ୍ଧରେ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଶତ୍ରୁ ଉପରେ ବିଜୟ ହାସଲ କରିବାରେ ଭାରତୀୟ ସୈନ୍ୟମାନଙ୍କର ବୀରତ୍ୱ ଓ ତ୍ୟାଗକୁ ଆଜି ସ୍ମରଣ କରାଯାଉଛି । ପାକିସ୍ତାନ ବିପକ୍ଷରେ ଅପରେସନ ବିଜୟ ମାଧ୍ୟମରେ ଭାରତର ବଡ଼ ସଫଳତାକୁ ସ୍ମରଣ କରିବା ସହ ସହିଦ ଯବାନମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ହେଉଛି ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ଏହି ଅପରେସନ ମାଧ୍ୟମରେ ଭାରତୀୟ ସେନା

ଜାମ୍ମୁକାଶ୍ମୀରର କାରଗିଲ ଅଞ୍ଚଳରୁ ପାକିସ୍ତାନୀ ଅନୁପ୍ରବେଶକାରୀଙ୍କୁ ନିପାତ କରିବାରେ ସଫଳ ହୋଇଥିଲା ।

କାରଗିଲ୍ ବିଜୟ ଦିବସ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶପାଇଁ ସର୍ବୋଚ୍ଚ ବଳିଦାନ ଦେଇଥିବା ସହିଦମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

ଆସାମର ଗୁଆହାଟୀଠାରେ ରାଜ୍ୟ ଯୁଦ୍ଧସ୍ମାରକୀଠାରେ କାର୍ଗିଲ୍ ଦିବସ ପାଳନ କରାଯାଇଛି । ପ୍ରାଣବଳି ଦେଇ ଦେଶପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ସହିଦ ଯବାନମାନଙ୍କୁ ଆସାମ ରାଜ୍ୟପାଳ ଲକ୍ଷ୍ମଣ ପ୍ରସାଦ ଆଚାର୍ଯ୍ୟ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଦେଶର ସଶସ୍ତ୍ର ବାହିନୀ ମାତୃଭୂମିର ରକ୍ଷାପାଇଁ ପ୍ରାଣବଳି ଦେଇ ସେମାନଙ୍କର ଦେଶପ୍ରେମ ସାବ୍ୟସ୍ତ କରିଛନ୍ତି ବୋଲି ରାଜ୍ୟପାଳ କହିଛନ୍ତି ।

## ବି.ଜେ.ପି. – କାର୍ଗିଲ୍ ବିଜୟ ଦିବସ

ନୂଆଦିଲ୍ଲୀରେ ଭାରତୀୟ ଜନତା ପାର୍ଟିର ମୁଖ୍ୟ କାର୍ଯ୍ୟାଳୟରେ କାର୍ଗିଲ୍ ବିଜୟ ଦିବସ ସମାରୋହ ଅନୁଷ୍ଠିତ ହୋଇଛି । ଏହି ଦିବସ ପାଳନ ଅବସରରେ ଦେଶପାଇଁ ସାହସର ସହ ଲଢ଼ି ସହିଦ ହୋଇଥିବା ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ବି.ଜେ.ପି.ର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ୍ ପ୍ରକାଶ

ନଡ୍ଡା, ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ସଞ୍ଜୟ ଶେଠ୍ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି ଅବସରରେ ଶ୍ରୀ ନଡ୍ଡା କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ଆତ୍ମନିର୍ଭରଶୀଳ ହୋଇପାରିଛି । ଦେଶରେ ଏପରି ଏକ ସମୟ ଥିଲା, ଯେତେବେଳେ ଯବାନମାନଙ୍କପାଇଁ ବୁଲେଟ୍ ପ୍ରୁଫ୍ ଜ୍ୟାକେଟ୍ ଉପଲବ୍ଧ ହୋଇପାରୁ ନ ଥିଲା । ତେବେ ବର୍ତ୍ତମାନ ଭାରତ କେବଳ ବୁଲେଟ୍ ପ୍ରୁଫ୍ ଜ୍ୟାକେଟ୍ ପ୍ରସ୍ତୁତ କରୁ ନାହିଁ, ବରଂ ଏହାକୁ ବିଦେଶକୁ ରପ୍ତାନୀ କରୁଛି ।

## ଗୋୟଲ୍ - ଏଫ୍.ଟି.ଏ.

କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋୟଲ୍ ଭାରତ ଏବଂ ବ୍ରିଟେନ୍ ମଧ୍ୟରେ ସମ୍ପ୍ରତି ସ୍ୱାକ୍ଷରିତ ହୋଇଥିବା ମୁକ୍ତ ବାଣିଜ୍ୟ ଚୁକ୍ତିନାମା - ଏଫ୍.ଟି.ଏ. ଏକ ପରିବର୍ତ୍ତନ ଭାବେ ପ୍ରଶଂସା କରିଛନ୍ତି । ନୂଆଦିଲ୍ଲୀରେ ଆଜି ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ଶ୍ରୀ ଗୋୟଲ୍ କହିଛନ୍ତି, ଏହି ବାଣିଜ୍ୟ ଚୁକ୍ତି ମୂଳସ୍ୱାର୍ଥକୁ ସୁରକ୍ଷା ଦେବା ସହିତ ବିଭିନ୍ନ କ୍ଷେତ୍ରରେ ବିପୁଳ ସୁଯୋଗ ମଧ୍ୟ ସୃଷ୍ଟି କରୁଛି । "ପ୍ରବାଳ ଅବଦାନ ସମ୍ମିଳନୀ" ଚୁକ୍ତିନାମାକୁ ଏଫ୍.ଟି.ଏ.ରେ ଅନ୍ତର୍ଭୁକ୍ତ କରାଯାଇଥିବାରୁ ଶ୍ରୀ ଗୋୟଲ୍ ଏହାର ଉଚ୍ଚପ୍ରଶଂସା କରିଛନ୍ତି । ସେ ଏହାକୁ ଭାରତଦ୍ୱାରା ଏପର୍ଯ୍ୟନ୍ତ ସ୍ୱାକ୍ଷରିତ ହୋଇଥିବା

ସର୍ବବୃହତ୍ ବାଣିଜ୍ୟ ଚୁକ୍ତିନାମା ଭାବରେ ଅଭିହିତ କରିଛନ୍ତି । ଭାରତର ବିଶ୍ୱ ବାଣିଜ୍ୟ ସହଭାଗିତାପାଇଁ ଏହା ଏକ ନୂତନ ମାନଦଣ୍ଡ ନିର୍ଦ୍ଧୟ କରୁଛି । ସେ ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱକୁ ଶ୍ରେୟ ଦେବା ସହ କହିଛନ୍ତି, ପ୍ରଧାନମନ୍ତ୍ରୀ ଭାବେ ଐତିହାସିକ ୪ ହଜାର ୭୮ ଦିନର କାର୍ଯ୍ୟକାଳ ତାଙ୍କର ଲୋକପ୍ରିୟତା ଓ ବିଶ୍ୱାସକୁ ପୁନଃ ପ୍ରମାଣିତ କରୁଛି । ଏକ ଘରୋଇ ଅନ୍ତର୍ଜାତୀୟ ସଂସ୍ଥାର ରିପୋର୍ଟକୁ ଉଦ୍ଧୃତ କରି ଶ୍ରୀ ଗୋୟଲ୍ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଶ୍ୱର ସବୁଠାରୁ ଲୋକପ୍ରିୟ ନେତା ଭାବେ ପରିଗଣିତ ହୋଇଛନ୍ତି ।

***Voice (Goyal - FTA)*** :........

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟାରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ମାସିକ ରେଡିଓ କାର୍ଯ୍ୟକ୍ରମ ମନ୍ କି ବାତର ଏହା ହେବ ୧୨୪ତମ ସଂସ୍କରଣ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ Appରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ

ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ  ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ ।  ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

## ଗୋଆ - ଗଭର୍ଣ୍ଣର ସୋର୍ଣ୍ଣ ଇନ

ଗୋଆର ପାଣାଜିସ୍ଥିତ ରାଜଭବନଠାରେ ବରିଷ୍ଠ ରାଜନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପୁଷପତି ଅଶୋକ ଗଜପତି ରାଜୁ ଗୋଆର ନୂତନ ରାଜ୍ୟପାଳ ଭାବେ ଶପଥ ଗ୍ରହଣ କରିଛନ୍ତି । ବମ୍ବେ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଆଲୋକ ଆରାଧେ ଆନୁଷ୍ଠାନିକ ଭାବେ ଶ୍ରୀ ରାଜୁଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ ।

## ୱାର୍ଲଡ୍ ମାନ୍‌ଗ୍ରୋଭ୍ ଡେ

ଆଜି ପାଳିତ ହେଉଛି ବିଶ୍ୱ ହେନ୍ତାଳବନ ଦିବସ । ସନ୍ତସନ୍ତିଆ ସ୍ଥାନରେ ହେଉଥିବା ଏହା ଏକପ୍ରକାର ବୃକ୍ଷ । ଏହି ବୁଦାଳିଆ ବୃକ୍ଷ ବିଶେଷକରି

ସନ୍ତସନ୍ତିଆ ନଦୀମୁହାଣ ଅଞ୍ଚଳରେ ଦୃଷ୍ଟିଗୋଚର ହୋଇଥାଏ । ଏହି ବୃକ୍ଷ ଜୈବ ବିବିଧତାରେ ସମନ୍ୱୟ ରକ୍ଷାକରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ବିଶେଷକରି ପଶ୍ଚିମବଙ୍ଗର ସୁନ୍ଦରବନରେ ଏହି ପ୍ରଜାତିର ଜଙ୍ଗଲ, ଯାହା ବିଶ୍ୱ ଐତିହ୍ୟ ସ୍ଥଳ ଏବଂ ବ୍ୟାଘ୍ର ସଂରକ୍ଷଣ କେନ୍ଦ୍ର ଭାବେ ପରିଚିତି ଲାଭ କରିଛି ।

## କ୍ରିକେଟ୍

ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡ଼ଠାରେ ଚାଲିଥିବା ଆଣ୍ଡର୍ସନ-ତେନ୍ଦୁଲ୍କର ଟେଷ୍ଟ ମ୍ୟାଚ୍‌ର ଚତୁର୍ଥ ଦିନର ଖେଳରେ ସମ୍ବାଦ ପ୍ରସ୍ତୁତ ହେବାବେଳକୁ ଭାରତ ତା'ର ଦ୍ୱିତୀୟ ଇନିଙ୍ଗ୍‌ସ୍‌ରେ ୨ ୱିକେଟ୍ ହରାଇ ୪୫ ରନ୍ କରିଛି । ପୂର୍ବରୁ ଇଂଲଣ୍ଡ ପ୍ରଥମ ଇନିଙ୍ଗ୍‌ସରେ ୬୬୯ ରନ୍‌ରେ ଅଲ୍‌ଆଉଟ୍ ହୋଇ ୩୧୧ ରନ୍‌ର ଆଗୁଆ ଥିଲା । ଭାରତ ପ୍ରଥମ ଇନିଙ୍ଗ୍‌ସରେ ୩୫୮ ରନ୍‌ରେ ଅଲ୍‌ଆଉଟ୍ ହୋଇଥିବାବେଳେ ଏହି ପାଞ୍ଚଟିକିଆ ଟେଷ୍ଟ ସିରଜ୍‌ରେ ଆୟୋଜକ ଇଂଲଣ୍ଡ ୨-୧ରେ ଅଗ୍ରଣୀ ରହିଛି ।

*****